# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23 September – 2026

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ବର୍ଷା ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା; ଜଳବନ୍ଦୀ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତରଣ ଏବଂ ରିଲିଫ ଯୋଗାଣ ଉପରେ ଗୁରୁତ୍ୱ ।

- ଗଭୀର ଅବପାତର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ।

- ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ କଳାହାଣ୍ଡି ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ସମ୍ଭାବନା ।

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜିପାଇଁ ବିଧାନସଭା ମୁଲତବୀ ।

- ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ରାଜ୍ୟର ୧ କୋଟି ୨ ଲକ୍ଷରୁ ଅଧିକ ପରିବାର ।

ଏବଂ

- ଏସୀୟ କ୍ରୀଡ଼ାର ୪୯ କିଲୋଗ୍ରାମ ଭାରୋତ୍ତଳନ ବର୍ଗରେ ରୌପ୍ୟପଦକ ହାସଲ କଲେ ମୀରାବାଈ ଚାନୁ ।

# ପାଣିପାଗ-ବର୍ଷା

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଗଭୀର ଅବପାତରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଗଭୀର ଅବପାତ ଆଜି ବିଳମ୍ବିତ ରାତି ସୁଦ୍ଧା ଉପକୂଳ ସ୍ପର୍ଶ କରିବ । ଏହା ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ୍ ନିକଟରେ ଉପକୂଳ ଅତିକ୍ରମ କରିବ ବୋଲି ସୂଚନା ମିଳିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ କଳାହାଣ୍ଡି ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ବିଜୁଳି ଘଡଘଡି ସହ ଅତିପ୍ରବଳ ବର୍ଷା ହେବା ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏ ସମ୍ପର୍କରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି...

**- V/O -**

ବର୍ଷାକୁ ଦୃଷ୍ଟିରେ ରଖି ୧୨ଟି ଜିଲ୍ଲାର ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଆସନ୍ତାକାଲି ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି ।

ଗଭୀର ଅବପାତକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ଲକରୁ ୪୨୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତରଣ ଓ ଆଶ୍ରୟସ୍ଥଳୀର ପ୍ରସ୍ତୁତି କରାଯିବା ସହ ଉଦ୍ଧାରକାରୀ ଦଳକୁ ମୁତୟନ କରାଯାଇଛି।

# ବର୍ଷା-ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଏବଂ ଏହାର ପ୍ରଭାବ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ସମସ୍ତ ପ୍ରାକୃତିକ ବିପର୍ଯ୍ୟୟରେ ଶୂନ୍ୟ ମୃତାହତ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ଏହି ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ ବୋଲି ଶ୍ରୀ ମାଝୀ କହିଛନ୍ତି ।

ବୈଠକରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଧନଜୀବନ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି । ଜଳବନ୍ଦୀ କ୍ଷେତ୍ରରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ଉପଯୁକ୍ତ ରିଲିଫ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ୩୩ଟି ଓଡ୍ରାଫ ଟିମ୍ ସହ ଏନ୍‌ଡିଆର୍‌ଏଫ ଓ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଛି । ଛତ୍ରପୁରରେ ୯ଟି ଟିମ୍ ରିଜର୍ଭରେ ରହିଛନ୍ତି । ଜିଲ୍ଲା ଓ ବ୍ଲକସ୍ତରୀୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇଥିବା ଜଣାପଡିଛି ।

ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ, ଆଶ୍ରୟସ୍ଥଳୀ ପ୍ରସ୍ତୁତି ସହ ଶୁଖିଲା ଖାଦ୍ୟ, ଶିଶୁଖାଦ୍ୟ, ଔଷଧ ଓ ପାନୀୟଜଳ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖାଯାଇଛି । ସମୁଦ୍ର ଅଶାନ୍ତ ଥିବାରୁ ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଜାରି କରାଯିବା ସହିତ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର

ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ନଦୀ ଓ ପ୍ରମୁଖ ଜଳାଶୟର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଇଛି । ସହରାଞ୍ଚଳରେ ଜଳବନ୍ଦୀ ସ୍ଥିତିର ମୁକାବିଲା ପାଇଁ ଡି-ୱାଟରିଂ ପମ୍ପ ମୁତୟନ କରାଯାଇଛି । ରାୟଗଡା, କୋରାପୁଟ, ଗଜପତି ଓ ଗଞ୍ଜାମ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି । ସମସ୍ତ ନାଗରିକଙ୍କୁ ସତର୍କ ରହିବା ସହ ପ୍ରଶାସନର ସୂଚନା ଓ ନିର୍ଦ୍ଦେଶାବଳୀ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭାର ମୌସୁମୀ ଅଧିବେଶନର ଆଜି ଦ୍ୱିତୀୟ ଦିନରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକୁ ମୁଲତବୀ ଘୋଷଣା କରାଯାଇଛି । ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରକେ ବିରୋଧୀଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ ସମସ୍ତଙ୍କୁ ନିଜ ଆସନକୁ ଫେରିଯିବାକୁ ନିବେଦନ କରିଥିଲେ । ଏହାସତ୍ତ୍ୱେ ହୋ-ହଲ୍ଲା ବନ୍ଦ ହୋଇ ନଥିଲା । ହଟ୍ଟଗୋଳ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଖାଦ୍ୟଯୋଗାଣ ଏବଂ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରିପୋର୍ଟ ଉପସ୍ଥାପନ କରିଥିଲେ । ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ଆଜି ପାଇଁ ମୁଲତବୀ ଘୋଷଣା କରାଯାଇଛି ।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

ରାଜ୍ୟରେ ୧ କୋଟି ୨ଲକ୍ଷ ୬୩ହଜାର ୫୬୨ ପରିବାର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ବୋଲି ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଆଜି ଗୃହରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି ରାଜ୍ୟ ଖାଦ୍ୟସୁରକ୍ଷା ଯୋଜନା ଅନ୍ତର୍ଗତ ୫ଲକ୍ଷ ୧୩ହଜାର ୨୫୪ପରିବାରକୁ ସଦସ୍ୟ ପିଛା ମାସିକ ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ବିନାମୂଲ୍ୟରେ ଯୋଗାଇ ଦିଆଯାଉଛି । ଏ ବାବଦକୁ ମାସିକ ୧ଲକ୍ଷ ୬୫ହଜାର ଟନ୍ ଅତିରିକ୍ତ ଚାଉଳ ବଣ୍ଟନ କରାଯାଉଛି ଏବଂ ବାର୍ଷିକ ପ୍ରାୟ ୩ହଜାର ୮୧୩ କୋଟି ଟଙ୍କା ସରକାର ଖର୍ଚ୍ଚ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ସେହିପରି ରାଜ୍ୟରେ ନୂତନ ରାସନ କାର୍ଡ ନିମନ୍ତେ ସମୁଦାୟ ୨୧ଲକ୍ଷ ୮୭ହଜାର ୮୫ଟି ଆବେଦନପ୍ରାପ୍ତ ହୋଇଥିବାବେଳେ ସେଥିମଧ୍ୟରୁ ସମୁଦାୟ ୧୬ଲକ୍ଷ ୯୯ହଜାର ୪୫୧ଟିର ଅନୁଧ୍ୟାନ ସରିଛି । ବଳକା ଥିବା ଆବେଦନ ଗୁଡ଼ିକର କ୍ଷେତ୍ରସ୍ତରୀୟ ତଦନ୍ତ ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଏଲ୍‌ପିଜି ସିଲିଣ୍ଡର

ଏଲ୍‌ପିଜି ସିଲିଣ୍ଡର କଳାବଜାର ଓ ବେଆଇନ୍ ମହଜୁଦକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଚଢ଼ଉ ଜାରି ରହିଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଆଜି ଗୃହରେ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ପାତ୍ର କହିଛନ୍ତି, ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ଜିଲ୍ଲାସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ବିଭିନ୍ନ ଜିଲ୍ଲାରେ

ଡିଷ୍ଟ୍ରିବ୍ୟୁଟର, ହୋଟେଲ, ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ସ୍ଥାନରେ ଯାଞ୍ଚ କରୁଛନ୍ତି । ୨୧ ସେପ୍ଟେମ୍ବର ସୁଦ୍ଧା ରାଜ୍ୟରେ ମୋଟ୍ ୩ହଜାର ୮୩୯ଟି ଯାଞ୍ଚ କରାଯାଇଛି । ଏଥିରେ ୧ହଜାର ୧୨୮ଜଣ ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର ଏବଂ ୨ହଜାର ୭୧୧ଟି ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଯାଞ୍ଚ କାର୍ଯ୍ୟ କରାଯାଇଛି । ଚଢ଼ଉ ସମୟରେ ମୋଟ୍ ୮ହଜାର ୪୫୭ଟି ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଥିବା ମନ୍ତ୍ରୀ କହିଛନ୍ତି ।

## ଓଲା-ଉବେର

ଓଡ଼ିଶାରେ ଖୁବ୍‌ଶୀଘ୍ର ଭାରତ ଟ୍ୟାକ୍ସି ଯୋଜନା ଲାଗୁ କରିବା ନେଇ ପଦକ୍ଷେପ ନିଆଯାଉଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ବିଧାନସଭାରେ ଆଜି ଏକ ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି ଏହି ଯୋଜନାର ସଫଳ ରୂପାୟନ ପାଇଁ ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଗତ ମାର୍ଚ୍ଚ ମାସରେ ଏକ ବୈଠକ ଆୟୋଜନ କରାଯାଇଥିଲା । ସେଥିରେ ସମବାୟ ସମିତିଗୁଡ଼ିକ ଦ୍ୱାରା ଏହାର କାର୍ଯ୍ୟକାରିତା ଓ ଉପଯୋଗିତା ଆଦି ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହାର ଚୂଡାନ୍ତ ରୂପରେଖ ବର୍ତ୍ତମାନ ବିଭାଗର ବିଚାରାଧୀନ ରହିଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି ।

## ଧାନକ୍ରୟ ଗୁଣବତ୍ତା ଯାଞ୍ଚ

ଧାନକ୍ରୟ ବ୍ୟବସ୍ଥାରେ ଗୁଣବତ୍ତା ଯାଞ୍ଚକୁ ଅଧିକ ସ୍ୱଚ୍ଛ ଓ ବିଜ୍ଞାନଭିତ୍ତିକ କରିବା ପାଇଁ କୃତ୍ରିମ ବୁଦ୍ଧିମତା-ଏଆଇ ଆଧାରିତ ଗ୍ରେନ୍ ଆନାଲାଇଜର ବ୍ୟବହାର କରାଯାଉଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ

ବଳସାମନ୍ତ କହିଛନ୍ତି । ଆଜି ଗୃହରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଶ୍ରୀ ବଳସାମନ୍ତ କହିଛନ୍ତି ରାଜ୍ୟର ବିଭିନ୍ନ ନିୟନ୍ତ୍ରିତ ବଜାର କମିଟି - ଆର୍‌ଏମ୍‌ସିରେ ମୋଟ ୨୪୬ଟି ଏଆଇ ଆଧାରିତ ଗ୍ରେନ୍ ଆନାଲାଇଜର ଯୋଗାଇ ଦିଆଯାଇଛି । ବିଭାଗୀୟ ତଥ୍ୟ ଅନୁସାରେ ରାଜ୍ୟର ୩୦ଟି ଜିଲ୍ଲାର ୬୬ଟି ଆର୍‌ଏମ୍‌ସିରେ ଏହି ଯନ୍ତ୍ର ସ୍ଥାପନ କରାଯାଇଛି । ଧାନର ଗୁଣବତ୍ତା ନିର୍ଦ୍ଧାରଣ ପାଇଁ ଏଫ୍‌ଏକ୍ୟୁ ମାନକ ଅନୁଯାୟୀ ଏହି ପ୍ରଯୁକ୍ତି ମାଧ୍ୟମରେ ମାନ ଯାଞ୍ଚ କରାଯାଉଛି । ଗ୍ରେନ୍ ଆନାଲାଇଜର ଯୋଗାଣରେ ବରଗଡ ଜିଲ୍ଲାକୁ ସର୍ବାଧିକ ଯନ୍ତ୍ର ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି ।

# ଆୟୁର୍ବେଦ ଦିବସ

ରାଜ୍ୟରେ ଆୟୁର୍ବେଦ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଓ ଗୁଣବତ୍ତା ବୃଦ୍ଧି ପାଇଁ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱର ଖାରବେଳ ଭବନରେ ଆୟୋଜିତ ୧୧ତମ ଆୟୁର୍ବେଦ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୪୦୦ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ୫୭୭ରୁ ଅଧିକ ଆୟୁଷ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ବର୍ତ୍ତମାନ ସମୟରେ ଆୟୁଷ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ପାଇବା ସହିତ ଭିତ୍ତିଭୂମି ଓ ଗୁଣବତ୍ତା ଉନ୍ନତ କରିବା ପାଇଁ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଭିନ୍ନ ଜିଲ୍ଲାରେ ପଞ୍ଚକର୍ମ ସୁବିଧା ଆରମ୍ଭ ହୋଇଥିବାବେଳେ ଇ-ସଞ୍ଜୀବନୀ ମେଡ଼ିସିନ

ସେବା ମାଧ୍ୟମରେ ୫୦ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବିଶେଷଜ୍ଞ ପରାମର୍ଶ ଯୋଗାଇ ଦିଆଯାଉଛି । ଏହି ଅବସରରେ ଯୋଗ, ଆର୍ୟୁବେଦ ଓ ହୋମିଓପ୍ୟାଥି ସମ୍ପର୍କରେ ଜନସଚେତନତା ପାଇଁ ଶିବିର ଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଭିତ୍ତିଭୂମି, ଚିକିତ୍ସା, ଶିକ୍ଷା, ମାନବସମ୍ବଳ ଓ ଡିଜିଟାଲ ସେବାର ସମନ୍ୱିତ ବିକାଶ ମାଧ୍ୟମରେ ଓଡ଼ିଶା ଏକ ସୁଦୃଢ଼ ଏକ ଲୋକାଭିମୁଖୀ ଆୟୁଷ ବ୍ୟବସ୍ଥା ଗଠନ ଦିଗରେ ଆଗକୁ ବଢୁଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି । ଏହି ଅବସରରେ ବିଭିନ୍ନ ସ୍ଥାନରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ଏସୀୟ କ୍ରୀଡ଼ା-ମୀରାବାଈ ଚାନୁ

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଲିମ୍ପିକ୍ସ ପଦକ ବିଜୟିନୀ ମୀରାବାଈ ଚାନୁ ତାଙ୍କର ପ୍ରଥମ ଏସିଆନ୍ ଗେମ୍ସ ପଦକ ହାସଲ କରିଛନ୍ତି । ସେ ମହିଳା ୪୯ କିଲୋଗ୍ରାମ ଭାରୋତ୍ତଳନ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ବର୍ଗରେ ଭାରତ ୨୮ ବର୍ଷ ପରେ  ପଦକ ହାସଲ କରିଛି ।

ସେହିଭଳି ଭାରତୀୟ ପୁରଷ ଦଳ ବ୍ୟାଡମିଣ୍ଟନରେ ବ୍ରୋଞ୍ଜ ପଦକ ହାସଲ କରିଛି । ଏହାସହ ଏସୀୟ କ୍ରୀଡ଼ାରେ ଗୋଟିଏ ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ସହ ଭାରତର ମୋଟ୍ ପଦକ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି ।